# NATIONAL NEWS BULLETIN (ODIA)

**26 June - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ ନିର୍ବାଚିତ ହେଲେ ଓମ୍ ବିର୍ଲା ।

- ଜାମ୍ମୁ-କାଶ୍ମୀରରେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ ।

- ନାଗାଲାଣ୍ଡରେ ପୌର ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ ।

- ସୁପ୍ରିମକୋର୍ଟରେ ଦାଖଲ କରିଥିବା  ଆବେଦନକୁ ପ୍ରତ୍ୟାହାର କଲେ ଅରବିନ୍ଦ କେଜରିୱାଲ ।

ଏବଂ

- ଆନ୍ତର୍ଜାତିକ ସ୍ତରରେ ଆଜି ନିଶାଦ୍ରବ୍ୟ ସେବନ ଏବଂ ବେଆଇନ ଚାଲାଣ ନିରୋଧ ଦିବସ ପାଳିତ ।

# ଏଲ୍‌ଏସ୍-ସ୍ପିକର

ଅଷ୍ଟାଦଶ ଲୋକସଭାର ପରବର୍ତ୍ତୀ ବାଚସ୍ପତି ହେବେ ଓମ୍ ବିର୍ଲା। ଏହି ପଦବୀ ପାଇଁ ସଂସଦରେ ଆଜି ଅନୁଷ୍ଠିତ ବାଚନିକ ଭୋଟ୍‌ରେ ଏନ୍‌ଡିଏର ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ସାଂସଦ ଓମ୍ ବିର୍ଲା ବିଜୟୀ ହୋଇଥିଲେ। ଏହି ନିର୍ବାଚନ ଲାଗି ବିରୋଧୀ ଇଣ୍ଡି ମେଣ୍ଟ ପକ୍ଷରୁ ଭୋଟ୍ ଗ୍ରହଣ ନେଇ ସଂସଦରେ ଚାପ ପ୍ରୟୋଗ କରା ନ ଯିବାରୁ ବାଚନିକ ଭୋଟ୍ ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ନିର୍ବାଚନ ପରେ ଶ୍ରୀ ବିର୍ଲାଙ୍କୁ ବାଚସ୍ପତି ଆସନକୁ ପାଛୋଟି ନେଇଥିଲେ।

ପୂର୍ବାହ୍ନରେ ସଂସଦ ଅଧିବେଶନ ଆରମ୍ଭ ହେବାପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସମେତ ଅନ୍ୟ ୧୨ ଜଣ ଏନ୍‌ଡିଏ ନେତା ଶ୍ରୀ ବିର୍ଲାଙ୍କୁ ବାଚସ୍ପତି ନିର୍ବାଚନ ସଂକ୍ରାନ୍ତ ଏକ ପ୍ରସ୍ତାବ ଗୃହରେ ଆଗତ କରିଥିଲେ। ବିରୋଧୀ ଦଳ ପକ୍ଷରୁ ଶିବସେନା ନେତା ଅରବିନ୍ଦ ଶାୱନ୍ତ, ଏନ୍.ସି.ପି. ଶରଦ ପାୱାର ଗୋଷ୍ଠୀ ନେତା ସୁପ୍ରିୟା ସୁଲେ ଏବଂ ଏସ୍.ପି.ର ଆନନ୍ଦ ଭଦୋରିଆ, କଂଗ୍ରେସ ପ୍ରାର୍ଥୀ କେ. ସୁରେଶଙ୍କ ସପକ୍ଷରେ ପ୍ରସ୍ତାବ ଆଗତ କରିଥିଲେ। ଲୋକସଭାର ବାଚସ୍ପତି ଭାବେ ଶ୍ରୀ ବିର୍ଲା ପୁନଃ ନିର୍ବାଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, କ୍ରମାଗତ ଦ୍ୱିତୀୟ ଥର ପାଇଁ ବାଚସ୍ପତି ପଦବୀ ଅଳଙ୍କୃତ କରି ଶ୍ରୀ ବିର୍ଲା ଇତିହାସ ରଚନା କରିଛନ୍ତି। ସାଂସଦ ଭାବରେ ଶ୍ରୀ ବିର୍ଲାଙ୍କ

କାର୍ଯ୍ୟ ନୂତନ ସଦସ୍ୟଙ୍କ ପାଇଁ ପ୍ରେରଣା ହେବ ବୋଲି ସେ କହିଛନ୍ତି। ଗତ ଲୋକସଭାରେ ବାଚସ୍ପତି ଭାବେ ଶ୍ରୀ ବିର୍ଲାଙ୍କ କାର୍ଯ୍ୟକାଳ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଥିଲା। ଗୃହ କାର୍ଯ୍ୟକୁ ଶ୍ରୀ ବିର୍ଲାଙ୍କ ସୁପରିଚାଳନା ଯୋଗୁଁ ଗତ ଲୋକସଭାରେ ୯୭ ପ୍ରତିଶତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶ୍ରୀ ବିର୍ଲାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଗୃହ ସୁପରିଚାଳନାରେ ବିରୋଧୀ ମେଣ୍ଟ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ।

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ବାଚସ୍ପତି ପଦବୀର ଗାରିମା ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ସଂସଦ ବାହାରେ ଗଣମାଧ୍ୟମ ସହ ଆଲୋଚନା ବେଳେ କହିଛନ୍ତି, ଉପ ବାଚସ୍ପତି ମନୋନୟନ ନେଇ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି।

## ନ୍ୟୁ ଏଲ୍ଏସ୍-ସ୍ପିକର

ନିର୍ବାଚନରେ ବିଜୟୀ ହେବା ପରେ ଶ୍ରୀ ବିର୍ଲା ଗୃହର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଂସଦୀୟ ମୂଲ୍ୟବୋଧ ଏବଂ ଗଣତାନ୍ତ୍ରିକ ପରମ୍ପରାକୁ ସମୃଦ୍ଧ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ବାଚସ୍ପତି ଭାବେ ଆଉଥରେ ସୁଯୋଗ ଦେଇଥିବାରୁ ଏବଂ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ସବୁ ସଦସ୍ୟଙ୍କୁ ତାଙ୍କର

କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଲୋକଙ୍କର ଆଶା ଓ ଆକାଂକ୍ଷା ବୃଦ୍ଧି ପାଇଛି । ଏହାକୁ ପୂରଣ କରିବା ପାଇଁ ହେଲେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## ଜେକେ-ଆସେମ୍ବ୍ଲି ଇଲେକସନ୍

ଜାମ୍ମୁ-କାଶ୍ମୀରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତା ମାସ ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଆମ ଜାମ୍ମୁ ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭୋଟର ତାଲିକା ସଂକ୍ରାନ୍ତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଜୁଲାଇ ୨୫ରୁ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି । ଅଗଷ୍ଟ ୧୯ ତାରିଖ ସୁଦ୍ଧା ଏହି ଆପତ୍ତି ଅଭିଯୋଗର ସମାଧାନ କରାଯାଇ ୨୦ ତାରିଖକୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର ବ୍ୟବସ୍ଥା ହୋଇଛି । ଚଳିତଥର ମତଦାନ କେନ୍ଦ୍ର ସଂଖ୍ୟା ମଧ ବୃଦ୍ଧି ପାଇପାରେ । ପ୍ରତି ମତଦାନ କେନ୍ଦ୍ରରେ ୧୫ ଶହରୁ ଅଧିକ ମତଦାତାଙ୍କ ପାଇଁ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଉଛି । ଏଥିପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ନିର୍ବାଚନରେ ସଂଶ୍ଲିଷ୍ଟ ଅନ୍ୟାନ୍ୟ କର୍ମଚାରୀଙ୍କୁ ଆନୁଷଙ୍ଗିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଗତ ୨୦୧୪ ଭୋଟର ତାଲିକା ତୁଳନାରେ ଏଥର ମତଦାତାଙ୍କ ସଂଖ୍ୟା ଅଧିକ ହେବ ବୋଲି ଆକଳନ କରାଯାଇଛି । ଭୋଟର ତାଲିକାରେ ଥିବା ଠିକଣା ସମ୍ବନ୍ଧୀୟ ତ୍ରୁଟିକୁ ସୁଧାରିବା, ସ୍ପଷ୍ଟ ଦେଖାଯାଉଥିବା ଫଟୋକୁ ବ୍ୟବହାର କରିବା, ମତଦାନ କେନ୍ଦ୍ରର ସୀମା ନିର୍ଦ୍ଧାରଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ କରିବା ପାଇଁ ବୁଥ୍‌ସ୍ତରୀୟ

ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏଥିପାଇଁ ସେମାନେ ଘରକୁ ଘର ବୁଲି ଯାଞ୍ଚ କରିବେ। ଆମ ସମ୍ବାଦଦାତା କହିଛନ୍ତି, ଜୁଲାଇ ପହିଲାରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୦୨୪ ସୁଦ୍ଧା ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଶେଷ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

## ମହା-ନିଟ୍ ସ୍କାମ୍

ନିଟ୍ ୟୁଜି-୨୦୨୪ ପରୀକ୍ଷାରେ ଅନିୟମିତତା ନେଇ ଚାଲିଥିବା ତଦନ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମହାରାଷ୍ଟ୍ରର ବିଡ୍ ଠାରେ ପହଁଞ୍ଚି ଅନୁସନ୍ଧାନ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ମଜଲଗାଓ ଅଞ୍ଚଳର କେତେକ ଶିକ୍ଷକଙ୍କୁ ଏଥିପାଇଁ ତଦନ୍ତକାରୀ ସଂସ୍ଥା ପଚରାଉଚରା କରୁଛି।

## ନାଗାଲାଣ୍ଡ ୟୁଏଲ୍‌ବି ଇଲେକସନ୍‌ସ

ନାଗାଲାଣ୍ଡରେ ପୌର ନିର୍ବାଚନ ପାଇଁ ଆଜି ମତଗ୍ରହଣ ଚାଲିଛି। ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଗ୍ରହଣ ଅପରାହ୍ନ ୪ଟାରେ ଶେଷ ହେବ। ଚଳିତ ପୌର ନିର୍ବାଚନରେ ନାଗାଲାଣ୍ଡରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ଗତ ୨୦୦୪ ପୌର ନିର୍ବାଚନରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇ ନ ଥିଲା। ତିନୋଟି ପୌରପାଳିକ, ଓ ୨୧ଟି କାଉନସିଲ’ର ୨୧୪ଟି ୱାର୍ଡ ଅଧୀନରେ ଥିବା ୪୨୦ଟି ମତଦାନ କେନ୍ଦ୍ରରେ ମତଗ୍ରହଣ ଚାଲିଛି। ମୋଟ୍ ୫୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ପୂର୍ବରୁ ୬୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

# ଏସ୍‌ସି-କେଜରିୱାଲ

ମଦ ଦୁର୍ନୀତି ମାମଲାରେ ଜାମିନ୍ ପ୍ରଦାନ ଉପରେ ଦିଲ୍ଲୀ ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶକୁ ଚ୍ୟାଲେଞ୍ଜ କରି ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ସୁପ୍ରିମକୋର୍ଟରେ ଦାଖଲ କରିଥିବା ଆବେଦନକୁ ପ୍ରତ୍ୟାହାର କରିଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ୍ ଏସ୍.ଭି.ଭଟ୍ଟିଙ୍କ ଖଣ୍ଡପୀଠ କେଜରିୱାଲଙ୍କ ପକ୍ଷରୁ ଆବେଦନ ପ୍ରତ୍ୟାହାର ସଂକ୍ରାନ୍ତ ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି। ନିମ୍ନ ଅଦାଲତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜାମିନ ନିଷ୍ପତ୍ତି ବିରୁଦ୍ଧରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଏହାର ପ୍ରାଥମିକ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଜାମିନ ପ୍ରଦାନ ନିଷ୍ପତ୍ତି ଉପରେ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହା ବିରୁଦ୍ଧରେ ଶ୍ରୀ କେଜରିୱାଲ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ଯଦି ଆବଶ୍ୟକ ପଡ଼େ ଦିଲ୍ଲୀ ହାଇକୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ବିରୁଦ୍ଧରେ ପୁଣିଥରେ ଆବେଦନ ଦାଖଲ କରିବାକୁ ଅନୁମତି ନେଇ ଶ୍ରୀ କେଜରିୱାଲଙ୍କ ପକ୍ଷରୁ ଏହି ମାମଲାକୁ ପ୍ରତ୍ୟାହାର କରାଯାଇଛି। ଗତ ୨୦ ତାରିଖରେ ଦିଲ୍ଲୀର ରାଉଜଆଭେନ୍ୟୁ କୋର୍ଟ ଆପ୍ ନେତା ତଥା ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କୁ ଜାମିନ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ମଦ ଦୁର୍ନୀତି ମାମଲାରେ ଗତ ମାର୍ଚ୍ଚ ୨୧ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀ ଶ୍ରୀ କେଜରିୱାଲଙ୍କୁ ଗିରଫ କରିଥିଲା। ମେ’ ୧୦ ତାରିଖରେ ଲୋକସଭା ନିର୍ବାଚନ ପାଇଁ ସୁପ୍ରିମକୋର୍ଟ ଜୁନ୍ ପହିଲା ପର୍ଯ୍ୟନ୍ତ ତାଙ୍କୁ ଜାମିନ ପ୍ରଦାନ

କରିଥିଲେ। ଜାମିନ ଅବଧି ଶେଷ ହେବା ପରେ ଶ୍ରୀ କେଜରିୱାଲ ଜୁନ୍ ୨ ତାରିଖରୁ ପୁଣି ହାଜତକୁ ଫେରିଥିଲେ।

## କେନିଆ ପ୍ରୋଟେଷ୍ଟ

ନୂତନ ଟିକସ ପ୍ରସ୍ତାବ ବିରୋଧରେ କେନିଆରେ ଆନ୍ଦୋଳନ ତୀବ୍ର ହୋଇଛି। ରାଜଧାନୀ ନାଇରୋବିରେ ସଂସଦରେ ପ୍ରବେଶ କରି ଉତ୍ତ୍ୟକ୍ତ ଜନତା ଭଙ୍ଗାରୁଜା କରିବା ସହ କିଛି ଅଂଶରେ ନିଆଁ ଲଗାଇ ଦେଇଥିଲେ। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ପକ୍ଷରୁ ହୋଇଥିବା ଗୁଳିଚାଳନାରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ବିଧାନସଭା କ୍ଷମତାର ପ୍ରତୀକ ଥିବା ଏକ ଗଦା ଚୋରି ହୋଇଥିବା ଜଣାପଡ଼ିଛି। ରାଷ୍ଟ୍ରପତି ଉଇଲିୟମ ରୁଟୋ ଗତ ସନ୍ଧ୍ୟାରେ ତାଙ୍କ ଅଭିଭାଷଣରେ ଦେଶର ସୁରକ୍ଷା ଏବଂ ସ୍ଥିରତାକୁ ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି। ହିଂସା ଏବଂ ଅରାଜକତା ସୃଷ୍ଟିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକସ୍ଥଳେ ସେନା ମୁତୟନ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ କେନିଆରେ ଟିକସ ବୃଦ୍ଧି ସଂକ୍ରାନ୍ତ ଅର୍ଥ ବିଲ୍‌କୁ ବିରୋଧ କରି ବିଗତ କିଛି ଦିନ ଧରି ଆନ୍ଦୋଳନ ଜାରି ରହିଛି। ତେବେ ଗତକାଲି ଏହି ସଂଶୋଧିତ ବିଲ୍ ସଂସଦରେ ପାରିତ ହେବା ପରେ ଆନ୍ଦୋଳନ ଅଧିକ ହିଂସାମୁଖୀ ହୋଇଥିଲା। ଆନ୍ଦୋଳନକୁ ନିୟନ୍ତ୍ରଣ କରିବା ଲାଗି ପୁଲିସ ପକ୍ଷରୁ ରବର ବୁଲେଟ୍ ଏବଂ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରାଯାଇଥିଲା। ଏଥିରେ ବହୁ ବିକ୍ଷୋଭକାରୀ ଆହତ ହୋଇଥିବା ଜଣାପଡ଼ିଛି। ତେବେ

ଆହତ ବିକ୍ଷୋଭକାରୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ନାଇରୋବିରେ ଏକ ଚିକିତ୍ସା ଶିବିର ସ୍ଥାପନ କରାଯାଇଛି ।

## ଇଣ୍ଟରନ୍ୟାସନାଲ ଡ୍ରଗ୍ସ ଡେ'

ଆନ୍ତର୍ଜାତିକ ସ୍ତରରେ ଆଜି ନିଶା ଦ୍ରବ୍ୟ ସେବନ ଏବଂ ବେଆଇନ ଚାଲାଣ ନିରୋଧୀ ଦିବସ ପାଳନ କରାଯାଉଛି ।  ନିଶାମୁକ୍ତ ବିଶ୍ୱ ଲକ୍ଷ୍ୟକୁ ହାସଲ କରିବା ଏବଂ ଏ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ ବିଶ୍ୱ  ନିଶାଦ୍ରବ୍ୟ ସେବନ ନିରୋଧ ଦିବସ ଭାବେ ପାଳନ କରାଯାଏ । ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ସ୍ୱଷ୍ଟ ପ୍ରମାଣ ସହ ପ୍ରତିରୋଧରେ ନିବେଶ କରନ୍ତୁ' । ଏହି ଅବସରରେ ଆଜି ଶ୍ରୀନଗରଠାରେ ଏକ 'ଯୁବବର୍ଗଙ୍କ ପାଇଁ ଚାଲି' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଣିପୁରଠାରେ ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂ ରାଜ୍ୟ ପୁଲିସ ଦ୍ୱାରା ଆୟୋଜିତ ଏକ ମୋଟର ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ । ନିଶାଦ୍ରବ୍ୟ ନିୟନ୍ତ୍ରଣ ସଂସ୍ଥା– ଏନ୍‌ସିବି ପକ୍ଷରୁ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା  'ନଶା ମୁକ୍ତ ଭାରତ ପକଓ୍ୱାଡ଼ା' କାର୍ଯ୍ୟକ୍ରମ ଆଜି ଶେଷ ହେଉଛି । ଏହି ଅବସରରେ ଏନ୍‌ସିପି ପକ୍ଷରୁ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା । ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଏନ୍‌ସିପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ଇଣ୍ଟରନ୍ୟାସନାଲ ଡ୍ରଗ୍ସ ଡେ'

ଆନ୍ତର୍ଜାତିକ ସ୍ତରରେ ଆଜି ନିଶା ଦ୍ରବ୍ୟ ସେବନ ଏବଂ ବେଆଇନ ଚାଲାଣ ନିରୋଧୀ ଦିବସ ପାଳନ କରାଯାଉଛି।  ନିଶାମୁକ୍ତ ବିଶ୍ୱ ଲକ୍ଷ୍ୟକୁ ହାସଲ କରିବା ଏବଂ ଏ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ ବିଶ୍ୱ  ନିଶାଦ୍ରବ୍ୟ ସେବନ ନିରୋଧ ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ସ୍ୱଷ୍ଟ ପ୍ରମାଣ ସହ ପ୍ରତିରୋଧରେ ନିବେଶ କରନ୍ତୁ'। ଏହି ଅବସରରେ ଆଜି ଶ୍ରୀନଗରଠାରେ ଏକ 'ଯୁବବର୍ଗଙ୍କ ପାଇଁ ଚାଲି' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଣିପୁରଠାରେ ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂ ରାଜ୍ୟ ପୁଲିସ ଦ୍ୱାରା ଆୟୋଜିତ ଏକ ମୋଟର ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ। ନିଶାଦ୍ରବ୍ୟ ନିୟନ୍ତ୍ରଣ ସଂସ୍ଥା– ଏନ୍‌ସିବି ପକ୍ଷରୁ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା  'ନଶା ମୁକ୍ତ ଭାରତ ପକୱାଡ଼ା' କାର୍ଯ୍ୟକ୍ରମ ଆଜି ଶେଷ ହେଉଛି। ଏହି ଅବସରରେ ଏନ୍‌ସିପି ପକ୍ଷରୁ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ନିଶାମୁକ୍ତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଏନ୍‌ସିପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।